# ଫୁଲ

ପଣ୍ଡିତ ମୃତ୍ୟୁଞ୍ଜୟ ରଥ

ମୋ ବାସ ଗଛରେ ଲଟାବୁଦାରେ
ଶାଗ ଶିଉଳିରେ ଘାସ ହୁଡ଼ାରେ ।



ମୁଁ ଥାଏ ପର୍ବତେ ଜଳ ସ୍ଥଳରେ
ବନେ ଉପବନେ କୂଳ କନ୍ଦରେ ।

ମୁଁ ଥାଏ କୁଞ୍ଜରେ ମନ୍ଦିର ପାଶେ
ସଞ୍ଜ ସକାଳରେ ମୁଁ ଫୁଟି ବାସେ ।

ମୋ ରୂପ ସୁନ୍ଦର କେତେ ନିର୍ମଳ
ପତର ଉପରେ ଦିଶେ ସୁଢ଼ଳ ।

କି ଯୁବା ବାଳକ ଅବା ସ୍ଥବିର
ମୋତେ ଦେଖିଲେଟି ହୋନ୍ତି ଅଧୀର ।



ମୋତେ କେ ଗଳାରେ କେବା ମୁଣ୍ଡରେ
ଥୁଅନ୍ତି, ନ ଦଳି କେହି ପୟରେ ।

ମୋ ବାସ ଚୌଦିଗେ ଯାଏ ଚହଟି
ପବନ ମହକି ଥାଏ ଜାଣଟି ?

ବଣା ହୋଇ ଧାଇଁ ଆସେ ଭଅଁର
ଆଦରନ୍ତି ପଶୁପକ୍ଷୀ ସକଳ ।

ମୋ କାନ୍ତି ଦେଖିଲେ ଯୋଗୀଙ୍କ ଶାନ୍ତି
ମୋ ଦେହେ ଦେବତା ସେ ଦେଖୁଥାନ୍ତି ।



ପୂଜା ଲାଗି ମୁହିଁ ଯାଏ ବିଧିରେ
କେଉଁ ଦେବତାର ନ ବସେ ଶିରେ !

ମୋହ ଯୋଗୁଁ ପଟ ଯାଏ ନିସ୍ତରି
କୀଟ ବସେ ପୁଣି ଶିରେ ସବୁରି ।



## କବି ପରିଚୟ

**ପଣ୍ଡିତ ମୃତ୍ୟୁଞ୍ଜୟ ରଥ** ୧୮୮୨ ମସିହା ମଇ ମାସ ୧୪ ତାରିଖରେ ଜନ୍ମ ଗ୍ରହଣ କରିଥିଲେ । ସ୍ୱଳ୍ପ ଜୀବନ କାଳ ମଧ୍ୟରେ 'ବିକ୍ରମୋର୍ବଶୀ', 'ମୁଦ୍ରାରାକ୍ଷସ', 'ମୃଚ୍ଛକଟିକ','ବେଣୀସଂହାର' ଇତ୍ୟାଦି ସଂସ୍କୃତ ନାଟକକୁ ଓଡ଼ିଆରେ ଏବଂ 'ଅଦ୍ଭୁତ ପରିଣାମ' ଉପନ୍ୟାସ ଓ 'କର୍ମଯୋଗୀ ଗୌରୀଶଙ୍କର', 'ଶାରଳା ଚରିତ', 'ସରଳ ଓଡ଼ିଆ ଅଭିଧାନ', 'ସୁଖବୋଧ ବ୍ୟାକରଣ' ଇତ୍ୟାଦି ପୁସ୍ତକ ରଚନା କରି ଓଡ଼ିଆ ସାହିତ୍ୟକୁ ପରିପୁଷ୍ଟ କରିଛନ୍ତି ।

## ଶିକ୍ଷକଙ୍କ ପାଇଁ ସୂଚନା

- ଶିକ୍ଷକ କବି ପରିଚୟ ଓ କବିତାର ପୃଷ୍ଠଭୂମି ସଂପର୍କରେ ପିଲାଙ୍କୁ ଧାରଣା ଦେବେ ।
- ସ୍ରଷ୍ଟାଙ୍କର ପ୍ରତିଟି କ୍ଷୁଦ୍ର ସୃଷ୍ଟି ଯେ କେତେ ମହତ୍ତ୍ୱପୂର୍ଣ୍ଣ ତାହା ପିଲାଙ୍କୁ ଅବଗତ କରାଇବେ ।
- ଆଲୋଚନା ସମୟରେ ଫୁଲ ସହିତ ଶିଶୁର ତୁଳନାତ୍ମକ ବିବରଣୀ ଦେବେ ।
- ଫୁଲ ପରି ଆଉ ଯେଉଁ କ୍ଷୁଦ୍ର ସୃଷ୍ଟି ଦ୍ୱାରା ମନୁଷ୍ୟ ସମାଜର ହିତ ସାଧିତ ହେଉଛି ସେଗୁଡ଼ିକର ଯଥାର୍ଥ ଉଦାହରଣ ଦେବେ ।
- ଶିଶୁମାନଙ୍କ ଅନ୍ତରରେ ପ୍ରକୃତି ପ୍ରେମ ଓ ସୌନ୍ଦର୍ଯ୍ୟବୋଧ ଉଦ୍ରେକ କରାଇବେ ।

## ସୂଚନା

ବାସ - ରହିବା ସ୍ଥାନ

କନ୍ଦର - ଗୁମ୍ଫା

କୁଞ୍ଜ - ଫୁଲବଗିଚାରେ ଲତାଳିଆ ଫୁଲଗଛକୁ କୁଡ଼ିଆ ଭଳି ସଜାଯାଇଥିବା ସ୍ଥାନ

ସ୍ଥବିର - ବୃଦ୍ଧ

ବଣା ହେବା - ବାଟ ଭୁଲିଯିବା

ବିଧିରେ - ପବିତ୍ର ଭାବରେ, ନିୟମ ଅନୁସାରେ

ପଟ - କଦଳୀପଟୁକାର ଶୁଖିଲା ତନ୍ତୁ ଯାହାକୁ ସୂତା ଭଳି ବ୍ୟବହାର କରାଯାଇ ଫୁଲକୁ ଗଣ୍ଠି ପକାଇ ମାଳା ତିଆରି କରଯାଏ ।

ଚୌଦିଗ -ଚାରି ଦିଗ, ପୂର୍ବ, ପଶ୍ଚିମ, ଉତ୍ତର, ଦକ୍ଷିଣ

## ଆସ ଜାଣିବା କେତୋଟି ନୂଆ ଶବ୍ଦ

କନ୍ଦର, ବାସ, ଉପବନ, ସକଳ, ସୁଢ଼ଳ, କାନ୍ତି, ନିସ୍ତରି

## ଅଭ୍ୟାସ

**୧. ଆସ କଥାବାର୍ତ୍ତା ହେବା ।**

କ) କେଉଁ ସବୁ ସ୍ଥାନରେ ଫୁଲ ଫୁଟି ବାସେ ?

ଖ) ଫୁଲକୁ ଆମେ କେଉଁ ସବୁ କାମରେ ବ୍ୟବହାର କରୁ ?

ଗ) ଫୁଲ ଯୋଗୁଁ ଆଉ କିଏ ସବୁ ଉପକାର ପାଇଥାନ୍ତି ?

ଘ) ଯୋଗୀମାନେ ଫୁଲକୁ କେଉଁ ଦୃଷ୍ଟିରେ ଦେଖନ୍ତି ?

ଙ) କେଉଁମାନେ ଫୁଲଦ୍ୱାରା ଆକୃଷ୍ଟ ହୋଇଥାନ୍ତି ?

**୨. ପାଦର ଖାଲି ଅଂଶ ପୂରଣ କରିବା ।**

କ) ମୁଁ ଥାଏ ପର୍ବତେ ............................ ।

ଖ) ............................ କୂଳ କନ୍ଦରେ ।

ଗ) ............................ ଯୋଗୀଙ୍କ ଶାନ୍ତି ।

ଘ) କେଉଁ ଦେବତାର ............................ ।

ଙ) ବଣା ହୋଇ ଧାଇଁ ............................ ।

ଚ) ............................ ମନ୍ଦିର ପାଶେ ।

**୩. ତଳେ ଗାର ଦିଆଯାଇଥିବା ଶବ୍ଦଟି ଯେଉଁ ଅର୍ଥରେ ବ୍ୟବହାର କରାଯାଇଛି ତାହା ପାଖ ବନ୍ଧନୀରେ ଦିଆଯାଇଛି । ସେଥିରୁ ଠିକ୍ ଅର୍ଥ ବୁଝାଉଥିବା ଶବ୍ଦ ଚାରିପଟେ ଗୋଲ ବୁଲାଇବା ।**

କ) ମୋ ବାସ ଗଛରେ ଲଟା ବୁଦାରେ । (ବାସ୍ନା, ରହିବା ସ୍ଥାନ)

ଖ) ମୋ ବାସ ଚୌଦିଗେ ଯାଏ ଚହଟି । (ବସ୍ତ୍ର, ବାସ୍ନା)

ଗ) ପତର ଉପରେ ଦିଶେ ସୁନ୍ଦର । (ଗଛର ପତ୍ର, ଚିଠିପତ୍ର)

ଘ) ଥୁଅନ୍ତି, ନ ଦଳି କେହି ପୟରେ । (ଜଳରେ, ପାଦରେ)

ଙ) କେଉଁ ଦେବତାର ନ ବସେ ଶିରେ ! (ମସ୍ତକରେ, ପ୍ରଶିରାରେ)

**୪. ପର୍ବତକୁ' କବିତାରେ 'ପରବତ' ଲେଖାଯାଇପାରେ । ସେହିପରି ତଳେ ଦିଆଯାଇଥିବା ଶବ୍ଦର ପଦ୍ୟରୂପ ଲେଖିବା ।**

ନିର୍ମଳ, ଚୌଦିଗେ, ପତ୍ର

ଉ. .................... .................... ....................

**୫. 'ମୋହ ଯୋଗୁଁ ପଟ ଯାଏ ନିସ୍ତରି', ଏହି ପଦଟିର ଅର୍ଥ ନିଜ ଭାଷାରେ ବୁଝାଇ ଲେଖିବା ।**

ଉ.

**୬. ତଳ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖିବା ।**

କ) ଫୁଲକୁ ପାଇବାପାଇଁ ଗଛ କି କଷ୍ଟ ସହିଛି ?

ଉ. ..........................................................................................

ଖ) ପବନ କେତେବେଳେ ମହକି ଥାଏ ?

ଉ. ..........................................................................................

ଗ) ଭଅଁର ବଣା ହୋଇ ଫୁଲ ପାଖକୁ ଧାଇଁ ଆସେ କାହିଁକି ?

ଉ. ..........................................................................................

ଘ) ଫୁଲ ଯୋଗୁଁ ଆଉ କେଉଁ କ୍ଷୁଦ୍ର ପଦାର୍ଥର ମର୍ଯ୍ୟାଦା ବୃଦ୍ଧି ହୋଇଥାଏ ?

ଉ. ..........................................................................................

ଙ) ତୁମେ ଛୋଟ ଫୁଲଟିଏ ହୋଇଥିଲେ ସମାଜର କି ଉପକାର କରିଥାନ୍ତ, ଲେଖ ।

ଉ. ..........................................................................................

**୭.   'କ' ସ୍ତମ୍ଭରେ ଥିବା ଶବ୍ଦ ସହିତ 'ଖ' ସ୍ତମ୍ଭର ଯେଉଁ ଶବ୍ଦର ସଂପର୍କ ଅଛି ତାକୁ ଗାର ଟାଣି ଯୋଡ଼ିବା ଓ ଯେଉଁ ନୂଆ ଯୁଗ୍ମଶବ୍ଦଟି ହେଲା ତାକୁ ବାକ୍ୟରେ ବ୍ୟବହାର କରିବା ।**

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ | | |
|---|---|---|---|
| ଲଟା | ସକାଳ | ................... | ............................................. |
| ଶାଗ | ପକ୍ଷୀ | ................... | ............................................. |
| ଜଳ | ବୁଦା | ................... | ............................................. |
| ବନ | ସ୍ଥଳ | ................... | ............................................. |
| ସଞ୍ଜ | ଶିଉଳି | ................... | ............................................. |
| ଖରା | ଉପବନ | ................... | ............................................. |
| ପଶୁ | ବର୍ଷା | ................... | ............................................. |

## ତୁମପାଇଁ କାମ

୧.   ଯେକୌଣସି ୩ଟି ଫୁଲର ଚିତ୍ର ଅଙ୍କନ କରି ତାକୁ ରଙ୍ଗ ଦିଅ ।

୨.   ତୁମ ବିଦ୍ୟାଳୟରେ ଫୁଲ ସଂପର୍କରେ ଏକ ବକ୍ତୃତା ପ୍ରତିଯୋଗିତା ହେବ । ସେହି ପ୍ରତିଯୋଗିତାରେ ତୁମେ କ'ଣ କହିବ ଲେଖିକରି ଆଣିବ ।